## ମୁଖପତ୍ର ସଙ୍ଗୀତ

■ ରବୀନ୍ଦ୍ର କୁମାର ଚାନ୍ଦ
ହିନ୍ଦୀ ଶିକ୍ଷକ, ନୂଆଗାଁ ହାଇସ୍କୁଲ, ନୟାଗଡ଼

"ସମ୍ବେଦନ" ମୂଳ ଏ ମଣିଷ ପାଇଁ
ଜୀବନ ମହକେ ଫୁଲଟିଏ ହୋଇ ।
ପତ୍ରିକାଟି ଅଟେ ଯୁଗର ପ୍ରତୀକ
ସତ୍ୟ-ଧର୍ମ-ଶାନ୍ତି-ଅହିଂସା-ବାହକ ।
ଶାକାହାରୀ ଆମେ ନୁହେଁ ମାଂସାହାରୀ
ଏ ସୃଷ୍ଟି କେବଳ ବନ୍ଧା ପ୍ରେମ ଡୋରୀ ।
ବଞ୍ଚିବା ବଢ଼ିବା ଅଛି ଅଧିକାର
ସମାନତା ମନ୍ତ୍ର ଅଟେ ସର୍ବଙ୍କର ।
ସ୍ଥାବର-ଜଙ୍ଗମ-କୀଟ-ତରୁ-ଲତା
ସବୁତ ବିଭୁଙ୍କ ଅଟଇ ମମତା ।
ସର୍ବ ଜୀବ ପ୍ରତି ଦୟା ଆଚରଣ
କଲେ ତ ରହିବ ଏ ମଣିଷ ପଣ ।
ସତ୍ୟ ସିଦ୍ଧ ଆଜି ସ୍ୱପ୍ନକୁ ସାକାର
କରେ ସମ୍ବେଦନ ଗଠନ ରାଷ୍ଟ୍ରର ।
ଜୀବ ନିଷ୍ଠୁରତା ଏ ନିରାକରଣ
ଅଟି ମାନସର ସୂଚନା ଏ ଜାଣ ।
ଏହି ପତ୍ରିକାଟି ଅମୃତ କଳସ
କୋଟି ନମସ୍କାର କରୁଛି ପ୍ରଣାମ ।

❖ ❖ ❖

## ଉତ୍କଳମଣି ଗୋପବନ୍ଧୁଙ୍କ ଦୃଷ୍ଟିରେ ଗାଈ

ଗୋ-ଜାତି ବହେ ପରଭାର । ପରେ ବଞ୍ଚାଏ ଦେଇ କ୍ଷୀର ॥
ମରଇ ପର ଉପକାରେ । ଗୋ ସମ କେ ଆଉ ସଂସାରେ ॥
ନ ମଣ ତାକୁ ପଶୁ କରି । ସେ ଲୋକମାତା ବିଶ୍ୱମ୍ଭରୀ ॥
ଗୋ-ଧର୍ମ ସର୍ବ ଧର୍ମ ସାର । ଯେ କରେ ଗୋ-ଧର୍ମ-ଆଚାର ॥
ସାଧଇ ପର ଉପକାର । କ୍ଳେଶରେ ନ ହୁଏ କାତର ॥
ପାଣି ଫୁଟାଇ ନିଜ ରକ୍ତ । ଅନ୍ୟ ଜୀବନ କରେ ଶକ୍ତ ॥
ପିଆଏ ଅନ୍ୟେ ସୁଧାରସ । ଲଭି ଆପଣା ଦେହେ ଗ୍ରାସ ॥
ଅନ୍ୟ ସକାଶେ ମରେ ଶେଷେ । ସେ ଲେଖା ଯଥାର୍ଥ ମନୁଷ୍ୟେ ॥

❋ ❋ ❋ ❋ ❋ ❋ ❋ ❋ ❋

ଯେ ଗ୍ରାମେ ମିଳି ସର୍ବ ନର । ରଖନ୍ତି ବହୁତ ଗୋବର ॥
ସେ ଗ୍ରାମ ଜାଣ ପୁଣ୍ୟସ୍ଥଳୀ । ତହିଁ ନ ଯାଏ କେବେ କଳି ॥
ହୁଅନ୍ତି ସର୍ବଜନେ ସୁଖୀ । ନ ରହେ ପରମୁଖାପେକ୍ଷୀ ॥
ଯେ ଘରେ ନାହିଁ ଗାଈଗୋରୁ । ସେ ଘରେ ଭୟଙ୍କର ମରୁ ॥
ସେ ଗୃହ ଅଟେ ଶମଶାନ । ନୁହେଁ ଲକ୍ଷ୍ମୀଙ୍କ ବାସସ୍ଥାନ ॥
ଗୋ ରଖି ଘରେ ଯେଉଁଜନ । ନ ହୁଏ ସଦା ସାବଧାନ ॥
ଗୋରୁଙ୍କୁ କରେ ଅବହେଳା । ବୁଡ଼ିବ ଜାଣ ତାର ଭେଳା ॥
ପଡ଼ଇ ଯେବେ ଗୋ-ନିଃଶ୍ୱାସ । ବଂଶ ସମ୍ପଦ ସର୍ବନାଶ ॥
ବଳଦେ କରିଣ ଯେ ଚାଷ । ନ ଦିଏ ପୂର୍ଣ୍ଣ ଜଳ ଘାସ ॥
ଚାଷ ଉପନ୍ନ ଖାଏ ଆପେ । ସେ ବୁଡ଼ି ମରେ ମହାପାପେ ॥
ଖାଏ ଯେ ସାକ୍ଷାତ ଗୋ-ମାଂସ । ତା ଇହ ପରକାଳ ନାଶ ॥
ଯେ ଗାଇଠାରୁ ଖାଏ ରସ । ନ ଦେଇ ତାକୁ ପୂରା ଗ୍ରାସ ॥
ବତ୍ସାଙ୍କୁ ନ କରେ ଯତନ । କରେ ସେ ଗୋ-ଶୋଣିତ ପାନ ॥
ତା ଦେହୁଁ ତୁଟିଯାଏ ଶିରୀ । ତା ପୁତ୍ରକନ୍ୟା ଯାନ୍ତି ମରି ॥
ବଳଦ ଲଗାଇଣ ଚାଷେ । ବିକଇ ଯେ ବୁଢ଼ା ବୟସେ ॥
ବିଶେଷେ ସଦ୍ୟ ଧନ ପାଇଁ । ଘାତୁକେ ବିକେ ଗୋରୁ ଗାଇ ॥
ଜାଣ ସେ ବଞ୍ଚିଥାଇଁ ମରେ । ଜଘନ୍ୟ ପାପୀ ସେ ସଂସାରେ ॥
ତା ସାତ ଉପର ପୁରୁଷ । ସାତ ପୁରୁଷ ଭାବୀ ବଂଶ ॥
ପଡ଼ନ୍ତି ଦୁସ୍ତର ନରକେ । ସଢ଼ନ୍ତି ଘୋର କୁମ୍ଭୀପାକେ ॥

❖ ❖ ❖

## ଗଙ୍ଗାଧରଙ୍କ ଗୋବିଳାପ

କହନ୍ତି ଗୋମାତା ଶୋକ ଗଦ୍‌ଗଦ୍-ବଚନେ,
ବିକଳ ହୃଦୟେ ଅଶ୍ରୁପୂରିତ ଲୋଚନେ ।
କି ହିନ୍ଦୁ ମୁସଲମାନ କିବା ଖ୍ରୀଷ୍ଟିୟାନ,
ମାନବ ମାତ୍ରକେ ମୋର ଦୃଷ୍ଟିରେ ସମାନ ।
ସମସ୍ତେ ସର୍ବଦା ମୋତେ ଚିହ୍ନିଛ ସର୍ବଥା,
ଚିହ୍ନାଇ ହେବାକୁ ମୋର ନାହିଁ ଆଉ କଥା ।
ଯାହା ଯାହା ମୋହୋଠାରୁ ପାଅ ଉପକାର,
ସେସବୁ ବର୍ଣ୍ଣିବା ମଧ ନାହିଁ ଦରକାର ।
ଜାଣୁଛ ତ ଦୁଇ ବେଳ ଦୁହିଁ ମୋର ଦୁଧ,
ଘିଅ କର ଛେନା କର ଖାଇ ହୁଅ ବୋଧ ।
ତହିଁରେ ବଢ଼ାଅ ନିଜ ଶାରୀରିକ ବଳ,
ବାଛୁରୀଙ୍କୁ କର ଭୂମି ଚଷିବାରେ ହଳ ।
ଯେତେବେଳେ ବସା ମୋର ନଦୀବାଲିଗାଡ଼ି,
ଟାଣୁଥାଏ, ପୃଷ୍ଠେ ତାର ବର୍ଷୁଥାଏ ବାଡ଼ି ।
ଚର୍ମ ବ୍ୟବସାୟୀ ମାଂସ ବ୍ୟବସାୟୀଗଣ,
ହଜାର ହଜାର ଗୋରୁ କରନ୍ତି ହନନ ।
ଜାଣୁଛ ତ ପଠାଣଙ୍କ କୁର୍ବାଣିର ହାଲ,
ସହସ୍ର ସହସ୍ର ଗୋରୁ ତହିଁରେ ହଲାଲ ।
ଲୋଭୀ ଲୋକମାନେ ଏଣେ କରି ଗୋଦୋହନ,
ଶୋଷିନେଇ ଯାଉଛନ୍ତି ବାଛୁରୀ-ଜୀବନ ।
ଦିନୁ ଦିନ ବଢୁଅଛି ମାନବର ବଂଶ,
କିନ୍ତୁ ଗୋରୁ ବଂଶ କିପାଁ ହେଉଅଛି ଧ୍ୱଂସ ?

ମୋ ଚର୍ମରେ ଲୋକମାନେ ଅରଜିଲେ ଧନ,
ଏଣୁ ମୋତେ କରୁଛନ୍ତି ଅକାଳେ ନିଧନ ।
ଚର୍ମ ବ୍ୟବସାୟୀ ଯଦି ନ କରିବ ବନ୍ଦ,
ତାହେଲେ ଭାରତ ଦଶା ହୋଇବଟି ମନ୍ଦ ।
ଅବଶ୍ୟ ସମୟେ ହେବ ଗୋରୁର ମରଣ,
ସେକାଳେ ଗୋଚର୍ମ ପାଇଁ କି ଅଛି ବାରଣ ?
ସେ ଚର୍ମରୁ ଲୋକେ ଲାଭ କରିବେ ଯେ ଧନ,
ତହୁଁ ଅଂଶ ନେଇ କର ଗୋ-ହିତ-ସାଧନ ।
ସ୍ଥାନେ ସ୍ଥାନେ କରିଦିଅ ଗୋଶାଳା ସ୍ଥାପନ,
କରିବେ ଅକ୍ଷମ ଗୋରୁ ଜୀବନ ଯାପନ ।
ହେ ବାବା ମୁସଲମାନ, ଶୁଣ ମୋର ବାଣୀ,
ମୋ ବିନା କି ନ ଚଳିବ ତୁମର କୁର୍ବାଣି ?
ଏକା ମୋତେ ମାରିବାକୁ ତୁମ୍ଭ ଅଲାକୋରାନ,
କହି ନାହିଁ, କରିପାର ତୁମ୍ଭେ ପଶୁ ଆନ ।
ଜୀବହତ୍ୟା ବିନା ଯଦି କୁର୍ବାଣି ଅଚଳ,
ଧରାରେ ଅଛନ୍ତି ଛେଳି ମେଣ୍ଢା ପଲପଲ ।
କହୁଅଛି କୁର୍ବାଣିର ଅସଲ କଥାଏ,
ଶୁଣ ଅରେ ଶାସ୍ତ୍ରେ ଯଦି ସୁବିଶ୍ୱାସ ଥାଏ ।
ହଜରତ୍ ଇବ୍ରାହିମ, ଖାଲିଲୁଲା ଥରେ,
କୁର୍ବାଣି ଆରମ୍ଭ କଲେ ଈଶ୍ୱରାଦେଶରେ ।
ସ୍ନେହବଶେ ଚକ୍ଷୁ ବୁଜି ପୁତ୍ରକୁ ହାଣିଲେ,
ତାହାଙ୍କ ସେ ଭାବସବୁ ଈଶ୍ୱର ଜାଣିଲେ ।
ମାୟାବଳେ ରଖି ତାଙ୍କ ପୁତ୍ରକୁ ଅନ୍ତରେ,
ମେଣ୍ଢାଟିଏ ରଖିଦେଲେ କୁମର ସ୍ଥାନରେ ।
ଚକ୍ଷୁ ଫେଡ଼ି ଦେଖିବାରେ ଜୀଇଛି କୁମର,
ଖଣ୍ଡା ଚୋଟ ପଡ଼ିଅଛି ମେଣ୍ଢାର ଉପର ।
ଜଣାଗଲା ଭକତର ସ୍ୱାର୍ଥ ବିସର୍ଜନ,
ତହିଁ ସଙ୍ଗେ ଈଶ୍ୱରଙ୍କ ଦୟା ନିଦର୍ଶନ ।
ଈଶ୍ୱର ଘେନନ୍ତି ପ୍ରେମଭକ୍ତି ହିଁ କେବଳ,
ମୋର ମାଂସେ ନାହିଁ ତାଙ୍କ ତୋଷ ତୁମ୍ଭ ଫଳ ।
ମୋର ମାଂସ ନର ପକ୍ଷେ ନୁହେଁ ସ୍ୱାସ୍ଥ୍ୟକର,
ଅଟଇ କେବଳ ମହାବ୍ୟାଧିର ଆକର ।
ମର୍କଟର ମାଂସ ତୁମ୍ଭେ ନ ଖାଅ ଯେପରି,
ମୋ ମାଂସକୁ ଛାଡ଼ିପାର ବିଚାରି ସେପରି ।
ଅନେକ ହଲାଲ ଜନ୍ତୁ ଅଛନ୍ତି ଜଗତେ,
ଖାଦ୍ୟ ନୁହେଁ ସେବୁର ମାଂସ ତୁମ୍ଭ ମତେ ।
ଚାରି ଛଅ ଜଣ ତୃପ୍ତ ହେବ ମାଂସ ଖାଇ,
ଦିନକରେ ସେ ଆହାର ଯିବ ଧ୍ୱଂସ ପାଇ ।
କିନ୍ତୁ ଯଦି ପ୍ରାଣରେ ମୁଁ ରହିବି ଜୀବିତ,
ଶତ ଶତ ଲୋକ କରିପାରିବି ତୋଷିତ ।

ଅନେକ ଅଛନ୍ତି ପୂର୍ବ-ଅଙ୍ଗେ ତୁମ୍ଭ ଜାତି,
ଜୀବିକା କେବଳ ମାତ୍ର କୃଷି କରିଥାନ୍ତି ।
ଛାଡ଼ିଦିଅ ବାବା, ମୋର ଚର୍ମ ବ୍ୟବସାୟ,
ଜଗତେ ପୂରିଛି ଆଉ ଅନେକ ଉପାୟ ।
ସମୟେ ମରିବେ ଗୋରୁ ନେଇ ତାଙ୍କ ଚର୍ମ,
ବାଣିଜ୍ୟ ବ୍ୟାପାର କଲେ ନ ହେବ ଅଧର୍ମ ।
ମୃଗୟାକୁ ଯାଇଥିଲେ ସାବକ୍‌ତଗିନ,
ମୃଗଶିଶୁଟିଏ ଥିଲା ମାତାଠାରୁ ଭିନ୍ନ ।
ସେ ମୃଗଶିଶୁକୁ ଧରି ଆଣୁଥିଲେ ଘର,
ପଛେ ଗୋଡ଼ାଇଲା ପାଇ ତା ମାତା ଖବର ।
ସାବକ୍ତଙ୍କୁ ଜଳପୂର୍ଣ୍ଣନେତ୍ରେ ବାରମ୍ବାର,
ଚାହୁଁଥାଏ ଭୟ କରି ଦୂରରୁ ବାହାର ।
ମୃଗୀ ପୁତ୍ରସ୍ନେହ ଦେଖି ସାବକ୍ତ ସଦୟେ,
ମୃଗଶିଶୁଟିକୁ ଛାଡ଼ିଦେଲେ ସେ ସମୟେ ।
ମୃଗଶିଶୁ ଡେଇଁ ଡେଇଁ ପଳାଇ ସତ୍ୱରେ,
ଜନନୀର ସ୍ତନ୍ୟ ପାନ କଲା ଆନନ୍ଦରେ ।
ଏ କି କଥା ! ସେ ମୃଗୀର ଅଶ୍ରୁ ପୂର୍ବପରି,
ଅବିଶ୍ରାନ୍ତ ନେତ୍ରଯୁଗୁଁ ପଡୁଥାଏ ଝରି ।
ଲେଉଟି ଲେଉଟି ଚାହିଁ ଲେଉଟିଲା,
ସାବକ୍ତଙ୍କୁ କୃତଜ୍ଞତା-ଚିହ୍ନ ଦେଖାଇଲା ।
ଶୟନେ ସାବକ୍ତ ରାତ୍ରେ ଦେଖିଲେ ସ୍ୱପନ,
ତୋଷେ ବର ଦେଲେ ତାଙ୍କୁ ଶ୍ରୀଦୀନଶରଣ-
"ସାବକ୍ତ ତୁ ଦେଖାଇଲୁ ଦୟାନିଦର୍ଶନ,
ସେ ଫଳେ ଲଭିବୁ ବେଗେ ଦିଲ୍ଲୀ ସିଂହାସନ ।"
କିଛି ଦିନ ପରେ ସେହି ସବକ୍‌ତଗିନ
ଦିଲ୍ଲୀ ରାଜସିଂହାସନେ ହେଲେ ସମାସୀନ ।
କେମନ୍ତ ଦୟାଳୁ ଥିଲେ ଦେଖ ତୁମ୍ଭ ବଂଶେ,
ତୁମ୍ଭ ଦୟା ନ ହେବ କି ମୋତେ କିଛି ଅଂଶେ ?
ମୋତେ କରୁଛନ୍ତି ଅନ୍ୟ ପଶୁର ସମାନ ।
କୁକୁରକୁ କୋଳେ ଧରି ଦିଅନ୍ତି ଚୁମ୍ବନ,
କଂସାଇକୁ ଦିଅନ୍ତି ମୋ ବାଛୁରୀ-ଜୀବନ ।
ବଳ ଥିବାଯାଏ ମୋତେ ରଖିଥାନ୍ତି ଘରେ,
ବିକନ୍ତି କଂସାଇ ହାତେ ବୃଦ୍ଧ ବୟସରେ ।
କଂସାଇ ମୋ ମାଂସ ବିକେ ମୋ ଜୀବନ ଗଲେ,
ଜୀବ ଥାଉଁ ତନୁକୁ ମୋ ତୁମ୍ଭେ ବିକ ବଳେ ।
ନହେଲ କି ତୁମ୍ଭେ ମାଂସବିକାରୁ ଅଧିକ ?
ଧିକ୍ ହିନ୍ଦୁ କୁଳାଙ୍ଗାର ପ୍ରାଣ ତୁମ୍ଭ ଧିକ ।
ଚିରଦିନ କଲ ମୋର ସ୍ୱାଦୁ କ୍ଷୀର ପାନ,
ଅର୍ଥଲୋଭେ ଶେଷେ କଲ କଂସାଇକୁ ଦାନ ।
ତୁମ୍ଭେ ମୋତେ ରଖ ଅତି ଖାଲଢିପ ଘରେ,
ବନ୍ଧା ହୋଇ ଶୁଏ ମଳମୂତ୍ରର ଉପରେ ।

ବୁଲି ବୁଲି ଚରେ ପୂର୍ଣ୍ଣ ନ ହୁଏ ଉଦର,
ବରଷାକାଳର କଷ୍ଟ କେ ଦେଖେ ମୋହର ।
ଯହିଁ ଦେଖ ଚଷାମାନେ ବସିଛନ୍ତି ମାଡ଼ି,
ମୁହଁ ଲମ୍ୱାଇଲେ ତେଣେ ପ୍ରହାରନ୍ତି ବାଡ଼ି ।
କେତେ ଦୂର ଗଲେ ସୁଦ୍ଧା ପୂରେ ନାହିଁ ପେଟ,
ଘରକୁ ଆସିଲେ ଆଉ ଖାଦ୍ୟେ ନାହିଁ ଭେଟ ।
ଏ କାରଣେ ଦିନୁ ଦିନ ହେଲି ହୀନବଳ,
କାହିଁରୁ ବା କ୍ଷୀର ଦେବି ପେଟ କଲବଲ ।
ଯାହା କିଛି କ୍ଷୀର ମୋର ସ୍ତନେ ଥାଏ ପୁରି,
ସବୁ ଦୁହିଁନିଅ ଭୋକେ ରହନ୍ତି ବାଛୁରୀ ।
ହେଉଅଛି ବଂଶ ମୋର ଦିନୁଦିନ ହ୍ରାସ,
ଆଉ କିଛିଦିନେ ହୋଇଯିବ ସର୍ବନାଶ ।
ମୋ ବିନା ନ ହେବ କୃଷି, ନମିଳିବ ଖାଦ୍ୟ,
ନର ପ୍ରାଣ ରଖିବାର ହେବ କଷ୍ଟସାଧ୍ୟ ।
ବେଳ ଥାଉଁ ଥାଉଁ କର ତାର ପ୍ରତିକାର,
ପଛେ ପୃଥିବୀରେ ପଡ଼ିଯିବ ହାହାକାର ।
ଲକ୍ଷ ଲକ୍ଷ ଚେଷ୍ଟା ପଛେ ନ ହେବ ସଫଳ,
କି ହେବ ବାନ୍ଧିଲେ ବନ୍ଧ ଗଲା ପରେ ଜଳ ?
ହିନ୍ଦୁର ଧରମ ରଖ ଅଟେ ପରା ହିନ୍ଦୁ,
ସଦାଚାର ରଖି ଚଳ ଜଗତ ନ ନିନ୍ଦୁ ।
ମହିଷୀ ଅଟଇ ମୋର ଭଗନୀ ସମାନ,
ମୋହପରି ତାକୁ ମଧ କରୁଥିବ ମାନ୍ୟ ।
ମନଦେଇ ଶୁଣିଲ ମୋ ସକଳ ଗୁହାରି,
କରନ୍ତୁ ମଙ୍ଗଳ ତୁମ୍ଭ ଗୋଲକବିହାରୀ ।

ସ୍ୱଭାବକବି ଗଙ୍ଗାଧର ମେହେର
*(ସୌଜନ୍ୟ : ବଉଳାର ଚିଠି, ଡାକ୍ତର ଉମେଶ ପତ୍ରୀ)*

❖ ❖ ❖

## ଜୀବେ ଦୟା

କମଳ ଲୋଚନ ପୂଜାରୀ
ଦୁର୍ଗାମୁଣ୍ଡା, ଶ୍ରୀପୁରା, ଝାରସୁଗୁଡ଼ା

ଆସନ୍ନ ବିପଦ ମାଡ଼ି ଆସିଯାଏ
ନପାରେ କାହାକୁ କହି,
ମୂକ ପଶୁ ହେଲେ କି ହେବ ଭାଇରେ
ହୃଦୟ ତ ଅଛି ରହି ।୧।

ମାନବ ସମାଜ ଏବେ ଯେ ଶିକ୍ଷିତ
ଆଜିର ଏ ଧରା ଧାମେ,
ନିମିଷେ ଗଢୁଛି ନିମିଷେ ଭାଙ୍ଗୁଛି
ସତେ କି ବିଧାତା ଜଣେ ।୨।

ଗର୍ବ ବହି ସିଏ ବୁଝୁ ନାହିଁ କିଛି
ମଣିଷର ମଣିଷତ୍ୱ
ପାଶୋରି ଦେଇଛି ପୂରୁବ ଗୌରବ
ସାଜିଲାଣି ଦାନବତ୍ୱ ।୩।

ଟୋପା ଟୋପା ହୋଇ ଝରୁଥାଏ ଲୁହ
ଶୁଖିଯାଏ ଆଖିଲୁହ,
ଢ଼ିମା ଢ଼ିମା ଆଖି ଆକୁଳ ଚାହାଣୀ
ଜଣାନ୍ତି ଆପଣା ଦୁଃଖ ।୪।

ଆହା କହିବାକୁ କେହି ନାହିଁ ଜଣେ
ଏକ ପରେ ଏକ କେତେ,
ମଣିଷ ହାତର ଖେଳଣା ସାଜନ୍ତି
ନିରିହ ପଶୁ ଯେ କେତେ ।୫।

ମଣିଷ ବୋଲିକି ନିର୍ମାଣ କରିଛି
କିଭଳି ବିଧାତା ଆଜି,
ଦୟା କ୍ଷମାରତ ଚିହ୍ନବର୍ଣ୍ଣ ନାହିଁ
ରହିଛି କସାଇ ସାଜି ।୬।

ସକାଳରୁ ସଞ୍ଜ ଆକୁଳ ଚାହାଣୀ
ଜଣାନ୍ତି ଆପଣା ଦୁଃଖ
ମେଁ ମେଁ ବୋଲି ବୋବାଳି ଛାଡ଼ନ୍ତି
ଦିଅନ୍ତା କେହିବା ସୁଖ ।୭।

ଏକ ପରେ ଏକ କାଟି ଚାଲିଥାଏ
ଛଟ ପଟ ହୁଏ ପ୍ରାଣ,
ଧାରୁଆ କଟୁରି ଟିକି ଟିକି କରେ
ଦେଖନ୍ତି ମଣିଷ ମାନ ।୮।

ଆଢ଼ ନୟନରେ ଦେଖନ୍ତିନି କେହି
ଯାଉଥିଲେ ପଥେ ଚାଲି,
କିଏ ବା ବୁଝିବ ନିରିହ ଜୀବନ
ନିମିଷକେ ଯାଏ ଚାଲି ।୯।

ଦୟା କ୍ଷମାର ତ ଦେଶଟି ଆମର
ବୁଝହେ ମୋ ବନ୍ଧୁ ଭାଇ,
ଜୀବ ହିଂସା ଆଉ ନ କର କେବେ ହେଁ
ଆଜି ପ୍ରାଣ କାଲି ନାହିଁ ।୧୦।

ଅନେକ ସଂସାରେ ଆସିଛୁ ସଭିଏଁ
ବସୁମତୀ କୋଳେ ଜନ୍ମି,
ଜୀବ ହିଂସା ଦେଖି ଅହିଂସା ପଥରେ
ଚାଲିଯିବା ହୋଇ ଧର୍ମୀ ।୧୧।

❖ ❖ ❖